# ଭାରତୀୟ ଜନତା ପାର୍ଟି, ଓଡିଶା

**ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟଙ୍କ ସାମ୍ବାଦିକ ସମ୍ମିଳନୀ**

## ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାରର ଚିଠା ଖୁଲାସା କରାଯିବ : ବିଜେପି

**ଭୁବନେଶ୍ୱର, ତା ୧୨/୦୯ :** ଓଡିଶା ଏବେ ସବୁଠୁ ଦୁର୍ନୀତିଗସ୍ତ ରାଜ୍ୟ ଭାବେ ପରିଗଣିତ ହେଲାଣି । ତାଳରୁ ତଳିପା ପର୍ଯ୍ୟନ୍ତ ରାଜ୍ୟରେ ଦୁର୍ନୀତି ଚାଲିଛି । ଖୋଦ୍ ମୁଖ୍ୟମନ୍ତ୍ରୀ ଦୁର୍ନୀତିରେ ବୁଡି ରହିଛନ୍ତି । ଯେଉଁମାନେ ବିଜେଡିର ମଙ୍ଗ ଧରିଛନ୍ତି ସେହିମାନେ ଦୁର୍ନୀତିକୁ ପୋସାହନ ଦେଇ ଚାଲିଛନ୍ତି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ମୁଖପାତ୍ର ଶ୍ରୀ ପିତାମ୍ବର ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ,  ବର୍ତମାନ ରାଜ୍ୟସରକାରଙ୍କ ପ୍ରତି ବିଭାଗରେ ଭ୍ରଷ୍ଟାଚାର ବସା ବାନ୍ଧିଛି । ଅନ୍ୟପଟେ ରାଜ୍ୟରେ କୋଟି କୋଟି ଯୁବକ ବେରୋଜଗାର ହୋଇ ବୁଲୁଛନ୍ତି । ରାଜ୍ୟସରକାର ୯୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଋଣଭାର ମୁଣ୍ଡାଇଛନ୍ତି । ରାଜ୍ୟସରକାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ମୌଳିକ ସୁବିଧା ଲୋକମାନଙ୍କୁ ଯୋଗାଇ ଦେଇପାରୁନାହାଁନ୍ତି । ରାଜରାସ୍ତାରେ ଶିକ୍ଷକମାନେ, ଅଙ୍ଗନବାଡୀ ଓ ଆଶା କର୍ମୀ, ଛାତ୍ରସମାଜ ବିକ୍ଷୋଭ ପ୍ରଦର୍ଶନ କରୁଥିବା ସମୟରେ ଖବରକାଗଜରେ କେବଳ ବିଜ୍ଞାପନ ଦେଇ ମୁଖ୍ୟମନ୍ତ୍ରୀ ନିଜର ଆତ୍ମ ପ୍ରଚାର କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

ଗୋଟିଏପଟେ  ଶାସକ ଦଳର ବରିଷ୍ଠ ନେତା ଡ. ଦାମ ରାଉତ ଗୋଟିଏ ପରେ ଗୋଟିଏ ଦୁର୍ନୀତିର ପେଡି ଖୋଲୁଥିବା ସମୟରେ ରାଜ୍ୟର ମୁଖ୍ୟମନ୍ତ୍ରୀ କୌଣସି ଉତର ନରଖିବା ଅତ୍ୟନ୍ତ ନିନ୍ଦନୀୟ । ନିଜର ସ୍ୱଚ୍ଛ ନିର୍ମଳ ଭାବମୂର୍ତି ଦେଖାଉଥିବା ମୁଖ୍ୟମନ୍ତ୍ରୀ କାହିଁକି ତାଙ୍କ ଦଳର ବିଧାୟକ କହିବା ଅନୁଯାୟୀ ଦୁର୍ନୀତିର ତଦନ୍ତ କରୁନାହଁନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି ।

ଡ.ଦାମ ରାଉତ ସମବାୟ ମନ୍ତ୍ରୀ ଥିବାବେଳେ ଦୁର୍ନୀତି ହୋଇଥିବା କଥା ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି । ଏହା ସମସ୍ତ ଗଣମାଧ୍ୟମରେ ପ୍ରଚାର ପ୍ରସାର ପରେ ବି ଶାସକ ବିଜେଡି କେବଳ ନୀରବଦ୍ରଷ୍ଟା ସାଜି ଚୁପ୍ ରହିଛି । ରାଜ୍ୟ ସମବାୟ ବ୍ୟାଙ୍କରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଦର୍ଶାଇ ପୂର୍ବତନ ମନ୍ତ୍ରୀ ଶ୍ରୀ ରାଉତ ୨ ଟି ଚିଠି ଲେଖିଥିଲେ । ପ୍ରଥମ ଚିଠିଟି ୨୫ ଜନୁଆରୀ ୨୦୧୭ ମସିହାରେ ସମବାୟ ନିବନ୍ଧକଙ୍କ ଉଦ୍ଦେଶ୍ୟରେ ଥିଲା । ସମବାୟ ଆଇନ ଧାରା ୬୫ ଅନୁଯାୟୀ ସମବାୟ ବ୍ୟାଙ୍କରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଘଟଣାର ତଦନ୍ତ କରିବା ପାଇଁ ଶ୍ରୀ ରାଉତ ଏହି ପତ୍ର ଲେଖିଥିଲେ । ସେହିପରି ଶ୍ରୀ ରାଉତ ଏପ୍ରିଲ ୨୦୧୭ ମସିହାରେ ଭିଜିଲାନ୍ସ ବିଭାଗକୁ ଚିଠି ଲେଖିଥିଲେ ମଧ୍ୟ ଏହି ଦୁର୍ନୀତି ବିରୁଦ୍ଧରେ କୌଣସି ତଦନ୍ତ ହୋଇନଥିଲା । ସମବାୟ ବ୍ୟାଙ୍କର ପୂର୍ବତନ ନିର୍ଦ୍ଦେଶକ ତୁଷାର ପଣ୍ଡାଙ୍କ କାର୍ଯ୍ୟକାଳ ସମାପ୍ତି ପରେ ବି ଅଢେଇ ବର୍ଷ ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟାକାଳ ଅବଧି କାହା ସୁପାରିଶରେ ବୃଦ୍ଧି କରାଯାଇଥିଲା ବୋଲି ଶ୍ରା ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି ।

ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ଦୁଇଟି ତଦନ୍ତ ପାଇଁ ସମବାୟ ଆକ୍ଟ ଏବଂ ଦୁର୍ନୀତି ନିବାରଣ ଆଇନ ପରିସର କରିବା ପାଇଁ ରେଜିଷ୍ଟର ଅଫ କୋପୋରଟିଭ ସୋସାଇଟକୁ ଚିଠି ଲେଖି କୌଣସି ସୁଫଳ ମୁଳିଲା ନାହିଁ । ସେହିପରି ପୂର୍ବତନ ମନ୍ତ୍ରୀ ତଥା ବିଜେଡି  ବରିଷ୍ଠ ନେତା ଦାମ ରାଉତ ଚାରା ଦୁର୍ନୀତି ପ୍ରସଙ୍ଗ ଉଠାଇବା  ପରେ ବିଭାଗୀୟ ମନ୍ତ୍ରୀ ଏହାକୁ ବିଧାନସଭା ଗୃହରେ ସ୍ୱୀକାର କରିଛନ୍ତି ।  ରାଜ୍ୟସରକାର ସ୍ୱଚ୍ଛତାର ବାନା ଉଡାଇ ଓଡିଶାବାସୀଙ୍କୁ ଭୂଆଁ ବନାଇ ଚାଲିଛନ୍ତି । ଶାସକ ବିଜେଡିର ମନ୍ତ୍ରୀ ଠୁ ବିଧାୟକ ପର୍ଯ୍ୟନ୍ତ ଚିଟ୍‌ଫଣ୍ଡ ଦୁର୍ନୀତିରେ ସାମିଲ ଅଛନ୍ତି । ପୂର୍ବରୁ ଡାଲି ଦୁର୍ନୀତିରେ ପ୍ରମିଳା ମଲ୍ଲିକଙ୍କୁ ମନ୍ତ୍ରୀ ପଦରୁ ବହିଷ୍କୃତ ପରେ ସେ ଆଜି ବିଜେଡି ମହିଳା ମୋର୍ଚ୍ଚାର ସଭାନେତ୍ରୀ ଅଛନ୍ତି । ଦୁର୍ନୀତି ଆଧାରରେ ପ୍ରଶାନ୍ତ ନନ୍ଦଙ୍କୁ ମନ୍ତ୍ରୀ ପଦରୁ ବିଦା କରିବା ପରେ ସେ ଏବେ ବିଜେଡିର ନିର୍ବାଚନ ରଣନୀତିର ମଙ୍ଗ ଧରିଛନ୍ତି । ଏଥିରୁ ସ୍ପଷ୍ଟ ଅନୁମେୟ କି ବିଜେଡିର ଶାସନ କେତେ ନିର୍ମଳ ଏବଂ ଆଉ ସ୍ୱଚ୍ଛ ।

ଓଡିଶାରେ ଦୁର୍ନୀତି ସଂପର୍କରେ ୨ଟି ସଦ୍ୟ ପ୍ରକାଶିତ ରିପୋର୍ଟ ଆସିଛି । ରାଜ୍ୟରେ ଶକତଡା ୭୭ ଭାଗ ଦୁର୍ନୀତି ହେଉଛି । ସେହିପରି ୪୧ ଭାଗ ଇନଭେଷ୍ଟର ଦୁର୍ନୀତିରେ ଶିକାର ହୋଇଛନ୍ତି ବୋଲି ନ୍ୟାସନାଲ କାଉନସିଲ ଫର ଆପ୍ଲାଇଡ ଇକୋନୋମିକ ରିସର୍ଚ୍ଚ, ଏବଂ ସେଟଂର ଫର ମିଡିଆ ଷ୍ଟଡିଜ୍ ରିପୋର୍ଟରେ ପ୍ରକାଶ ପାଇଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

ଦୀର୍ଘ ୧୯ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଦୁର୍ନୀତିକୁ ସମର୍ଥନ କରିଚାଲିଛନ୍ତି । କେନ୍ଦ୍ର ସରକାର ଏନଟିପିସି ପ୍ରକଳ୍ପ ପାଇଁ  ୯ ହଜାର କୋଟି ଅନୁଦାନ ଦେବା ପରେ ରାଜ୍ୟସରକାରଙ୍କ ସଂକୀର୍ଣ୍ଣ ମାନସିକତା ପାଇଁ କାର୍ଯ୍ୟ ଆରମ୍ଭ ନହେବା ଅତ୍ୟନ୍ତ ହୀନ ମାନସିକତାର ଲକ୍ଷଣ । ଅନ୍ୟପଟେ ମେକ ଇନ ଓଡିଶା ନାଁରେ ଦଳୀୟ ପାଣ୍ଠି ଯୋଗାଡ କରିବାରେ ମୁଖ୍ୟମନ୍ତ୍ରୀ ବ୍ୟସ୍ତ ଅଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

ଆଗାମୀ ଦିନରେ ରାଜ୍ୟ ବିଜେପି ନବୀନ ବାବୁଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ଚିଠା ଖୁଲାସା କରିବା ସହ ତୃଣମୂଳସ୍ତରରେ ଲୋକଙ୍କ ପାଖରେ ପହଂଚାଇବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ଉପସଭାପତି ଶ୍ରୀ ସମୀର ମହାନ୍ତି ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**